ଶନିବାର, ୨୮ ଜାନୁୟାରୀ, ୨୦୨୩

# ପିଲାଙ୍କ ଧରିତ୍ରୀ



୮ ଆଇନା

୬ କହିଲ ଦେଖି

# ଗପ

# କାଉ ଓ କୁକୁଡ଼ା କଳି

ବହୁ ବର୍ଷ ପୂର୍ବେ ଲୋକେ ଘରେ ସ୍ନେହରେ କୁକୁଡ଼ା ପାଳୁଥିଲେ। କୁକୁଡ଼ାମାନେ ଘର ଚାରିପାଖରୁ ପୋକଜୋକ ଖାଇ ପରିବେଶ ସଫା ରଖନ୍ତି ଓ ରାତି ପାହିଲେ ରାବ କରି ଲୋକଙ୍କୁ ନିଦରୁ ଉଠାନ୍ତି। କାଉମାନେ ମଧ୍ୟ ପ୍ରତିଦିନ ସକାଳୁ ଘର ପାଖକୁ ଆସନ୍ତି। ଅଇଁଠା ସବୁ ଯାହା ମିଳେ ଖାଇଦେଇ ଉଡ଼ିଯାଆନ୍ତି। ସେମାନଙ୍କୁ କୁକୁଡ଼ାଙ୍କର ମଣିଷମାନଙ୍କୁ ସକାଳ ହେବାର ସୂଚନା ଦେବାର ଶୈଳୀ ଖୁବ୍ ଭଲ ଲାଗେ। କିନ୍ତୁ ସେମାନେ ଲୋକଙ୍କୁ କୌଣସି ପ୍ରକାରର ସାହାଯ୍ୟ କରି ପାରୁ ନାହାନ୍ତି ଭାବି ମନଦୁଃଖ କରନ୍ତି। କେବେ କେମିତି କୁକୁଡ଼ା ନ ରାବିବା ଆଗରୁ କାଉ ଯଦି ରାବିଦିଏ ତେବେ ସେଦିନ କାଉ ଓ କୁକୁଡ଼ାଙ୍କର ପ୍ରବଳ କଳି ହୁଏ। କୁକୁଡ଼ା କୁହନ୍ତି, ଆମେ ମଣିଷମାନଙ୍କ ଘରେ ଅଛୁ ଏଇଟା ଆମ କାମ, ଆମକୁ କରିବାକୁ ଦିଅ। ତମେମାନେ ବାହାରୁ ଉଡ଼ି ଆସି ଏଠି ଗହଳି କରନି। କାଉମାନେ କୁହନ୍ତି, ଆମେ ବି ମଣିଷମାନଙ୍କର ଖାଉଛୁ। ଆମେ ବି ସକାଳୁ ତାଙ୍କୁ ଆମ ସ୍ୱରରେ ଉଠେଇବୁ। କୁକୁଡ଼ା କହିଲା, ତମର ସ୍ୱର ଏତେ କର୍କଶ ଯେ ଶୁଣିଲେ କାନ ଖରାପ ହୋଇଯିବ। ଆମମାନଙ୍କ ସ୍ୱର ମଣିଷକୁ ଭଲ ଲାଗେ, ସେଥିପାଇଁ ଆମକୁ ଘରେ ରଖିଛନ୍ତି।
ଏ ତ କ



ଶୁଣି କାଉମାନେ ଚୁପ୍ ରହନ୍ତି।

ଥରେ କୁକୁଡ଼ାମାନଙ୍କ ଭିତରୁ ଜଣଙ୍କର ହଠାତ୍ କେମିତି ପ୍ରାଣ ଚାଲିଗଲା। ମଣିଷ ତାକୁ କାହିଁକି ଫିଙ୍ଗିବ ଭାବି ରାନ୍ଧିକରି ଖାଇଲା। ତାକୁ କୁକୁଡା ମାଂସ ଖୁବ୍ ଭଲ ଲାଗିଲା। ତେଣୁ ସେ ଧୀରେ ଧୀରେ କୁକୁଡ଼ାକୁ ମାରିକି ତା'ର ମାଂସ ଖାଇବାରେ ଲାଗିଲା। ଏମିତିଭାବେ ସେ କେବଳ ଖାଇବା ପାଇଁ ହିଁ ଘରେ କୁକୁଡ଼ା ପାଳିବାକୁ ଲାଗିଲା। କାଉମାନେ କୁହାକୁହି ହେଲେ କେତେ ସ୍ୱାର୍ଥପର ଏ ମଣିଷ ସତରେ। ଯାହାକୁ ପାଳିଲା ପୋଷିଲା ଶେଷରେ ତାକୁ ଖାଇ ସଫା କରିଦେଲା। କେତେ ଉପକାର କରୁଥିଲା ଏ କୁକୁଡ଼ା ମଣିଷର। ବାଡ଼ିଘରୁ ପୋକ ଯୋକ ଅଳିଆ ସବୁ ଖାଇ ସଫା କରୁଥିଲା। ସକାଳୁ ମଣିଷକୁ ନିଦରୁ ଉଠାଉଥିଲା। ହେଲେ ଏବେ କୁକୁଡ଼ାମାନଙ୍କର ସ୍ୱର ଆଉ ଶୁଭୁନି।

କାଉମାନଙ୍କର ମନ ବି ଦୁଃଖୀ। ଆଉ ଦେଖା ସାକ୍ଷାତ ହେଉନି କୁକୁଡ଼ା ସହ। ସେମାନଙ୍କ ସହ ଝଗଡ଼ା ହେଉଥିଲା ସତ, ହେଲେ ମଣିଷ ହାତରେ ଏମିତି ସେମାନଙ୍କ ଜୀବନ ଚାଲିଯିବାଟା ଭଲ ଲାଗିଲାନି କାଉମାନଙ୍କୁ। ଆଉ ଯେତିକି ବଳକା କୁକୁଡ଼ା ରହିଯାଇଥିଲେ ସେମାନେ କହିଲେ, ଆମେ ଏବେ ବିଚାର କରିଛୁ ମଣିଷ ପାଖରେ ଆଉ ରହିବୁନି ଏଠୁ ଦୂରକୁ ଚାଲିଯିବୁ। ତମେମାନେ ଯେମିତି ସକାଳୁ ଆସୁଥିଲ ସେମିତି ଆସି ସକାଳୁ ରାବିବ, ମଇଳା ଖାଇବ, ପରିବେଶ ସଫା ରଖିବ, କିନ୍ତୁ ଏ ମଣିଷ ହାତରେ ଆଦୌ ଧରାଦେବନି।

**– ପ୍ରୀତିପ୍ରିୟା ମହାନ୍ତି**
ରମ୍ଭା, ଗଞ୍ଜାମ
ମୋ: ୬୩୭୦୪୮୧୦୧୦



# ଖିଲି ଖିଲି ହସ

ରାଜୁ କାର୍ ଧୋଉଥିବାର ଦେଖି ଜଣେ ଆଣ୍ଟି କହିଲେ– ଆରେ କ'ଣ କାର୍ ଧୋଉଛୁ ?
ରାଜୁ: ନାଇଁମ ଆଣ୍ଟି, କାର୍ ଧୋଉନି ; କାର୍‌ରେ ପାଣି ଦେଉଥିଲି କାଳେ ବଡ଼ ହୋଇ ବସ୍ ହୋଇଯିବ ।

ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା
ପ୍ରଥମ ସାଙ୍ଗ: ବୁଝିଲୁ, ଶୀତ ଏବେ ବେଶି ହେଉଛି।
ଦ୍ୱିତୀୟ ସାଙ୍ଗ–ହଁ, ଏତେ ଜୋର୍‌ରେ ଶୀତ ହେଉଛି ଯେ ମଶା ଆସି ମୋ କାନରେ କହୁଛି– ମୋତେ ପ୍ଲିଜ୍ କମ୍ବଳ ଭିତରେ ଟିକେ ଶୋଇବାକୁ ଦିଅ, ମୁଁ ତୁମକୁ ଜମା ବି କାମୁଡ଼ିବିନି।

ଜଣେ ଦର୍ଜି ବସ୍‌ରେ ଚଢ଼ିବା ସମୟରେ ତାଙ୍କର ଗୋଟେ କଲ୍ ଆସିଲା– ସେ ଫୋନ୍ ଉଠାଇ କହିଲେ–ତୁ ହାତ କାଟିକି ରଖ, ମୁଁ ଗଲେ ବେକ କାଟିବି। ଏତିକି ଶୁଣିବା ପରେ ପୂରା ବସ୍ ଖାଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

# ତୁମ ପଢ଼ିବା ପାଇଁ




# ମୋ ଆଶା

ପିଲାମାନଙ୍କ ପାଇଁ ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପ୍ରକାଶ ପାଇଛି ତ୍ରୟମାସିକ ଶିଶୁକିଶୋର ପତ୍ରିକାର ଶୀତ ସଂଖ୍ୟା 'ମୋ ଆଶା'। ଏଥିରେ ଗପ, କବିତା, ବୈଜ୍ଞାନିକଙ୍କ ପିଲାଦିନ ସମ୍ପର୍କିତ ଲେଖା ଇତ୍ୟାଦି ରହିଛି। ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାରେ ରହିଛି ନଈରେ କେତେ ପାଣି, ନିଧିବୁଢ଼ା ବାରିପଟେ ପଡ଼ିଛି ବିଚାର, ଜଣେ ରାଜା ଥିଲେ, ବୋକା ସେବକ, ବାହାଦୁରିଆ ଇତ୍ୟାଦି ଗପ। ଶୀତ ଆସର, କହ୍ନେଇ ଚାଲଇ ଠୁକୁଠୁକୁ, ନର ଦେହ ବହି ନାରାୟଣ ଥିଲ ଆଦି କବିତା ଆକର୍ଷଣୀୟ ହୋଇଛି। ଏହାବ୍ୟତୀତ ଶିଶୁ ପ୍ରତିଭା ଆୟୁଷା, ସେଲିବ୍ରିଟି କୈଳାସ ପାତ୍ରଙ୍କ ପିଲାଦିନ, କୁନି ମଡେଲ୍ ଓ ପିଲାମାନଙ୍କର ଅତି ସୁନ୍ଦର ହାତ ଅଙ୍କା ଛବି ମଧ୍ୟ ରହିଛି। ପତ୍ରିକାଟିର ମୂଲ୍ୟ ରହିଛି ୨୦ ଟଙ୍କା।

ଯୋଗାଯୋଗ–ମୋ ଆଶା, ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ, ମୋ: ୯୮୬୧୩୪୨୪୩୭

# ମତାମତ

▸▸ ପ୍ରଚ୍ଛଦ ପ୍ରସଙ୍ଗ 'ଡବଲ ମଜା' ବିଷୟଟି ପଢ଼ି ପିଲାମାନେ ସରସ୍ୱତୀ ପୂଜା ଏବଂ ସାଧାରଣତନ୍ତ୍ର ଦିବସ ପାଇଁ କିଭଳି ଯୋଜନା କରିଛନ୍ତି ଜାଣିବାକୁ ପାଇଲି।

**–ମୌମିତା ମହାପାତ୍ର, ହିଞ୍ଜିଳି, ଗଞ୍ଜାମ**

▸▸ ଜଣା ଅଜଣା ସ୍ତମ୍ଭରେ ପ୍ରକାଶିତ 'ନମ୍ବର ପ୍ଲେଟ୍' ଓ 'ହକିର ସୁବର୍ଣ୍ଣ ଯୁଗ' ବିଷୟଟି ଶିକ୍ଷଣୀୟ ହୋଇପାରିଛି। ପ୍ରତିଥର ଏହି ସ୍ତମ୍ଭରେ ପ୍ରକାଶ ପାଇଥିବା ପ୍ରସଙ୍ଗରୁ କିଛି ଅଜଣା କଥା ଜାଣିବାକୁ ମିଳୁଛି।

**– ଶୁଭ୍ରଜିତ୍ ପାତ୍ର, ନିଆଳି, କଟକ**

▸▸ ଗପ ସ୍ତମ୍ଭରେ ପ୍ରକାଶିତ 'ସ୍ୱାଭିମାନୀ ବୀର ସୁରେନ୍ଦ୍ର ସାଏ' ଓ 'ନେତାଜୀଙ୍କ ପିଲାଦିନ' ପ୍ରସଙ୍ଗରୁ ଦୁଇ ମହାପୁରୁଷଙ୍କ ବିଷୟରେ ଅନେକ କଥା ଜାଣିଲି।

**– ନନ୍ଦିତା ସ୍ୱାଇଁ, ବୈତରଣୀ ରୋଡ଼, ଯାଜପୁର**

▸▸ 'ତୁମ ତୂଳୀ' ସ୍ତମ୍ଭରେ ପ୍ରକାଶିତ ସାଧାରଣତନ୍ତ୍ର ଦିବସ ଏବଂ ସରସ୍ୱତୀ ପୂଜା ସମ୍ପର୍କିତ ଚିତ୍ର ଚମତ୍କାର ହୋଇଛି।

**–ଅନନ୍ୟା ତ୍ରିପାଠୀ, ଗୋବିନ୍ଦପାଲି, ମାଲକାନଗିରି**

▸▸ 'ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ' ସ୍ତମ୍ଭରେ 'କୁନି ଫୁଟ୍‌ବଲର ଚିନୋସୋ'ଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ହେଲି।

**–ସସ୍ମିତା ରାୟ, ମୁକୁନ୍ଦପୁର, ବାଙ୍କୀ**

# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ରଙ୍ଗ ଦିଅ





# ଭିଡିଓ ଗେମ୍ ଓ ପିଲା



ଆଜିକାଲି ପିଲାମାନେ ଅଧିକାଂଶ ଭିଡିଓ ଓ ମୋବାଇଲ୍ ଗେମ୍ ଖେଳିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହା ପିଲାଙ୍କୁ କେବଳ ଶାରୀରିକ ନୁହେଁ, ମାନସିକ ସ୍ତରକୁ ମଧ୍ୟ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଭିଡିଓ ଗେମ୍ ଖେଳିବା ଦ୍ୱାରା ଶାରୀରିକ ପରିଶ୍ରମ କମ୍ ହୋଇଥାଏ ଏକଥା ସତ, ହେଲେ ଯେତେବେଳେ ଏହା ନିଶାରେ ପରିଣତ ହୋଇଯାଏ ; ସେତେବେଳେ ତାହାର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ। ତେଣୁ ପିଲାମାନେ କେଉଁ ପ୍ରକାର ଭିଡିଓ ଗେମ୍ ଖେଳୁଛନ୍ତି, ସେ ନେଇ ମାତାପିତା ସଚେତନ ହେବା ଦରକାର। ପିଲାଙ୍କୁ ଶୈକ୍ଷିକ ଖେଳ ପ୍ରତି ଅନୁପ୍ରାଣିତ କରିବା ଆବଶ୍ୟକ। ଗେମ୍ ଖେଳିବା ସମୟରେ ବହୁତ ସମୟ ଅପଚୟ ହୋଇଥାଏ। ଏହାକୁ ଯଦି ପିଲା ଖେଳୁଛି, ତେବେ କେତେ ସମୟ ଖେଳିବ ଏଥିପାଇଁ ସମୟ ନିର୍ଦ୍ଧାରଣ କରନ୍ତୁ। ପିଲା ଯଦି ସବୁବେଳେ ଭିଡିଓ ଗେମ୍ ଖେଳୁଛି, ତେବେ ଏହାର ନକାରାତ୍ମକ ପ୍ରଭାବ ପିଲା ଉପରେ ପଡ଼ିବ– ଏକଥା ତାକୁ ବୁଝାଇବାକୁ ଚେଷ୍ଟା କରନ୍ତୁ। ଏହା ମଧ୍ୟ ଶରୀରରେ ମେଦବହୁଳତା ହେବାର ଆଶଙ୍କାକୁ ବଢ଼ାଇପାରେ। ମୋବାଇଲ୍, ଲାପ୍‌ଟପ୍ ଆଦି ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍‌ଗୁଡ଼ିକୁ ପିଲାଙ୍କଠୁ ଯେତେ ଦୂରେଇ ରଖିବେ ସେତେ ଭଲ। ଭଲ ତଥା ଶିକ୍ଷଣୀୟ ବହି ବଢ଼ିବା ପ୍ରତି ସେମାନଙ୍କୁ ଆକର୍ଷିତ କରାନ୍ତୁ। ସେମାନଙ୍କୁ ଏଭଳି ଏକ ପରିବେଶରେ ରଖନ୍ତୁ, ଯଦ୍ୱାରା ସେମାନେ ନିଜକୁ ଭିଡିଓ ଗେମ୍‌ଠାରୁ ଧୀରେ ଧୀରେ ଦୂରେଇ ଯିବେ। ଆଜିକାଲି କେତେକ ଭିଡିଓ ଗେମ୍ ବିପଦପୂର୍ଣ୍ଣ। ତେଣୁ ସେଭଳି ଗେମ୍‌ଠାରୁ ପିଲାମାନଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ପିଲା ଯଦି ଅନ୍‌ଲାଇନ୍ ଭିଡିଓ ଗେମ୍ ଖେଳୁଛି, ତେବେ ସେ ନିଜ ବିଷୟରେ କିମ୍ବା ପରିବାର ସମ୍ବନ୍ଧରେ ଯେପରି ସୂଚନା ନ ଦିଏ, ଏଥିପ୍ରତି ଯତ୍ନବାନ୍ ରୁହନ୍ତୁ। ପିଲା ଖେଳିବା ସମୟରେ କମନ୍ ଏରିଆରେ ଖେଳୁ, ଯଦ୍ୱାରା ପିଲା ପ୍ରତି ନଜର ରଖିହେବ। ପିଲାକୁ ଆଉଟ୍‌ଡୋର ଗେମ୍ ଖେଳିବାକୁ ଅଧିକ ପ୍ରୋତ୍ସାହିତ କରନ୍ତୁ। ଏଣୁ ପିଲା ସେଥିପ୍ରତି ଅଧିକ ଆକର୍ଷିତ ହେବ। ଫଳରେ ଏହି ଅଭ୍ୟାସଠୁ ନିଜକୁ ଦୂରେଇବାରେ ସେ ସକ୍ଷମ ହୋଇପାରିବ। ଭିଡିଓ ଗେମ୍ ଚକ୍କରରେ ପିଲା ଯେପରି ତା'ର ପାଠପଢ଼ା ଓ ଅନ୍ୟ ଜିନିଷଠାରୁ ନିଜକୁ ଦୂରେଇ ନ ନିଏ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।

## ଭିଡିଓ ଗେମ୍‌କୁ ଅଭ୍ୟାସରେ ପରିଣତ ନ କରିବା ଭଲ

ଆଜିକାଲି ଅନେକ ପିଲା ଭିଡିଓ ଗେମ୍ ସହ ଜଡିତ। କେତେକ ପିଲାଙ୍କର ଏହାର ଅଭ୍ୟାସରେ ପରିଣତ ହୋଇଯାଇଛି ବୋଲି କୁହାଯାଇପାରେ। ଏହା ହୁଏତ ସାମୟିକ ଆନନ୍ଦ ଦେଇଥାଏ, ଏକଥା ସତ, ହେଲେ ଏଭଳି ଅଭ୍ୟାସ ସେମାନଙ୍କର ମାନସିକତାକୁ ଧିରେ ଧିରେ ପ୍ରଭାବିତ କରେ। ପିଲାଙ୍କ ମନରେ କେବଳ ଭିଡିଓ ଗେମ୍ ବିଷୟରେ ଭାବନା ଉଙ୍କି ମାରେ। ଏହାଦ୍ୱାରା ସେମାନଙ୍କର ଏକାଗ୍ରତା ପ୍ରଭାବିତ ହୁଏ। ଅନେକଙ୍କର ପାଠ ପଢ଼ା ପ୍ରତି ଆଗ୍ରହ କମିବାକୁ ଆରମ୍ଭ କରେ। ଆଜିକାଲି ପିଲାମାନେ ପାଠ ପଢ଼ା ବ୍ୟତୀତ ଅନ୍ୟ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଉଛନ୍ତି। ଅଧିକାଂଶ ସମୟ ଭିଡିଓଗେମ୍ ସହ ବିତିବା ଦ୍ୱାରା ସେମାନେ ନିଜର କ୍ରିଏଟିଭିଟି ପ୍ରତି ଅବହେଳା ଆରମ୍ଭ କରନ୍ତି। ତେଣୁ ଭିଡିଓଗେମ୍‌କୁ ଅଭ୍ୟାସରେ ପରିଣତ ନ କରିବା ଭଲ। ପ୍ରତ୍ୟେକ ଜିନିଷରୁ ଭଲ କଥା ଶିଖିବାକୁ ମିଳିଥାଏ। ତେଣୁ ଭିଡିଓ ଗେମ୍‌ରେ ଅଧିକ ସମୟ ନଷ୍ଟ ନ କରି ଏଭଳି କଥା ଶିଖନ୍ତୁ, ଯାହା ପିଲାମାନଙ୍କ କ୍ୟାରିୟର ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ। ପିଲାଙ୍କୁ ଏଭଳି ଅଭ୍ୟାସଠାରୁ ଦୂରେଇ ରଖିବାରେ ମା'–ବାପାଙ୍କର ମଧ୍ୟ ଭୂମିକା ରହିଛି। ସେମାନେ ପିଲା ପ୍ରତି ନଜର ରଖନ୍ତୁ। ପିଲାଟିକୁ ଏଭଳି ପରିବେଶରେ ରଖନ୍ତୁ, ଯାହାଦ୍ୱାରା ସେ ଭିଡିଓଗେମ୍‌ଠାରୁ ଧୀରେ ଧୀରେ ନିଜକୁ ଦୂରେଇ ନେବ। ଆପଣଙ୍କ ପିଲା ଯଦି ଅଧିକ ସମୟ ଭିଡିଓଗେମ୍ ସହ ଜଡିତ ରହୁଛି, ତେବେ ତା' ଉପରେ ଅଯଥା ଚାପ ସୃଷ୍ଟି କରିବା ଅପେକ୍ଷା ତାକୁ ଏଭଳି ବୁଝାନ୍ତୁ, ଯାହାଦ୍ୱାରା ପିଲାଟିର ମନ ସମୟକ୍ରମେ ଭିଡିଓଗେମ୍ ଠାରୁ ଦୂରେଇ ଯିବ।



**–ଡ. ଦେବକାନ୍ତ ଷଡ଼ଙ୍ଗୀ,** ବିଭାଗୀୟ ମୁଖ୍ୟ, ମନସ୍ତତ୍ତ୍ୱ ବିଭାଗ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା



## ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦିଏ

ମୁଁ ଭିଡିଓ ଗେମ୍ ଖେଳେ। ଏଥିରେ ମୋର ପ୍ରିୟ ଗେମ୍ ହେଉଛି ଫ୍ରି ଫାୟାର। ଅଳ୍ପ ସମୟ ଖେଳେ। ମୁଁ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦିଏ। ଏହି ଗେମ୍ ଯେପରି ପାଠପଢ଼ାକୁ ପ୍ରଭାବିତ ନ କରେ, ଏଥିପ୍ରତି ଅଧିକ ସଚେତନ ରୁହେ। ଭିଡିଓ ଗେମ୍ ପ୍ରତିଦିନ ଖେଳେନି। ପ୍ରତିଟି ଜିନିଷକୁ ଯଦି ସବୁବେଳେ କରିବା ଏହା ଆମର ଅଭ୍ୟାସରେ ପରିଣତ ହୋଇଯିବ।

**–ଆଦିତ୍ୟ ପଟ୍ଟନାୟକ, କ୍ଲାସ–୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋର୍ଦ୍ଧା**

## ଖେଳ ଯେପରି ଅଭ୍ୟାସ ନ ହୁଏ

ମୋତେ ମୋବାଇଲ୍‌ରେ ଗେମ୍ ଖେଳିବା ବହୁତ ପସନ୍ଦ। ଏଥିରେ ମୁଁ କ୍ୟାଣ୍ଡିକ୍ରସ ଗେମ୍ ଖେଳେ। ଦିନକୁ ୧୫ ମିନିଟ୍ ଖେଳେ। ଏହି ଖେଳ ଯେପରି ମୋର ଅଭ୍ୟାସରେ ପରିଣତ ହୋଇ ନ ଯାଉ, ଏଥିପ୍ରତି ସଚେତନ ରୁହେ। ମୋବାଇଲ୍‌ରେ ଅଧିକ ସମୟ ଗେମ୍ ଖେଳିଲେ, ଏଥିରୁ ବାହାରୁଥିବା ଲାଇଟ୍ ଆମ ଆଖି ପ୍ରତି କ୍ଷତିକାରକ ହୋଇପାରେ।

**–ସ୍ୱାଗତିକା ବିଶ୍ୱାଳ, କ୍ଲାସ–୭, ଜିଜିପି ୟୁପି ସ୍କୁଲ, ରସୁଲଗଡ଼, ଭୁବନେଶ୍ୱର**



ଭିଡିଓ ଗେମ୍ ଖେଳିବା ଦ୍ୱାରା ଶାରୀରିକ ପରିଶ୍ରମ କମ୍ ହୋଇଥାଏ ଏକଥା ସତ, ହେଲେ ଯେତେବେଳେ ଏହା ନିଶାରେ ପରିଣତ ହୋଇଯାଏ ; ସେତେବେଳେ ତା'ର ଖରାପ ପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ...




୧



୨


୩



୪


୫



୬


୭



୮


୯

୧

**ଅପର୍ଣ୍ଣା ଦେବଦତ୍ତ**
କ୍ଲାସ୍- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସିଡିଏ, କଟକ

୨

**ସହସ୍ରକ୍ରୀତ୍ ଭଞ୍ଜଦେଓ**
କ୍ଲାସ୍-୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୩

**ଅର୍ଛିତ ପଟ୍ଟନାୟକ**
କ୍ଲାସ୍-୩, ଲୋୟଲା ସ୍କୁଲ, ଭୁବନେଶ୍ୱର

୪

**ଘରମଣୀ ମାଝି**
କ୍ଲାସ୍- ୬, କୁଲିଙ୍ଗାମାଲ ସେବାଶ୍ରମ ବିଦ୍ୟାଳୟ, ନୂଆପଡ଼ା

୫

**ଦିଶା ସାମଲ**
କ୍ଲାସ୍- ୩, ଯାଜପୁର ଭେଙ୍କଟେଶ୍ୱର ସ୍କୁଲ, ଯାଜପୁର ଟାଉନ, ଯାଜପୁର

୬

**ସୌରଭ ରଞ୍ଜନ କର**
କ୍ଲାସ୍- ୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜଛକ, କଟକ

୭

**ଓମ୍‌ପ୍ରକାଶ ବାରିକ**
କ୍ଲାସ୍- ୮, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, କୋଲକାତା

୮

**ମନୀଷା ମନସ୍ୱିନୀ ଓଝା**
କ୍ଲାସ୍- ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦଶରଥପୁର, ଯାଜପୁର

୯

**ବିଶ୍ୱଜିତ୍ ପାତ୍ର**
କ୍ଲାସ୍- ୯, ମଦନପୁର ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା



## ଉଡ଼ାଜାହାଜ

ନାଆଁଟି ମୋର ଉଡ଼ାଜାହାଜ
ଆକାଶେ ଉଡ଼ି ମୁଁ କରେ ମଉଜ।
କାହିଁ କେତେ ଦୂର ମହାଶୂନ୍ୟରେ
ଘୁରି ବୁଲଇ ମୁଁ ମନ ଖୁସିରେ।
ବିହଙ୍ଗ ପରି ମୁଁ କରେ ବିହାର
ଖଣିଜ ତଇଲ ମୋର ଆହାର।
ମୋତେ ଦେଖି ପିଲେ ତାଳି ମାରନ୍ତି
ଚିଲେଇ ଚିଲେଇ ଦାଣ୍ଡେ ଡିଅଁନ୍ତି।
ଯତନେ ବସାଇ ଯାତ୍ରୀଙ୍କୁ କୋଳେ
ଉଡ଼ିବୁଲେ ମୁହିଁ ସମୟ ତାଳେ।
ଶରୀରଟା ସିନା ବିଶାଳକାୟ
ଘନ କୁହୁଡ଼ିକୁ ଥାଏ ମୋ ଭୟ।
କେବେ ପରବତ ଗହୀର ମାଳ
କେବେ ଉଡ଼ି ଦେଖେ ସମୁଦ୍ର କୂଳ।
ଶବଦଟା ସିନା ମୋର ବିକଟ
ଦୂର ପଥକୁ ମୁଁ କରେ ନିକଟ।
ଦେଶ ସେବାରେ ମୋ ଜୀବନ ବିତେ
ଯୁଦ୍ଧ କ୍ଷେତ୍ରେ ସେନା ଲାଗନ୍ତି ମୋତେ।
ଉଡ଼ାଜାହାଜ ମୁଁ ଉଡ଼ାଜାହାଜ
ସାରା ମହାଶୂନ୍ୟ ମୋର ରାଇଜ।

– ରାମ ଚନ୍ଦ୍ର ପ୍ରଧାନ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## କବିତା

### ଏକ ଆମ ମନ

ଭାରତ ମାତାର କୋଳରେ ବଢୁଛେ
ଆମେ ଯେତେ କୁନି ପିଲା
ଏକ ଆମ ମନ ଭିନ୍ନ ସିନା ଗାଆଁ
ନଗର ସହର ଜିଲ୍ଲା।
ସବୁରି ଆଖିରେ ଭରି ରହିଅଛି
ସପନ ଯେ କୋଟି କୋଟି
ଆଗାମୀ ଦିନରେ ପୂରଣ କରିବୁ
ସେସବୁକୁ ଗୋଟି ଗୋଟି।
ଆଗ ମନଦେଇ ପଢ଼ିଯିବୁ ପାଠ
ଅରଜିବା ପାଇଁ ଜ୍ଞାନ
ସମୟାନୁବର୍ତ୍ତୀ କର୍ତ୍ତବ୍ୟ ବୋଧକୁ
ଦେଉଥିବୁ ସଦା ଧ୍ୟାନ।
ବଡ଼ହେଲେ ସେଇ ଜ୍ଞାନାଲୋକ ବଳେ
ଅଜ୍ଞାନ କରିବୁ ନାଶ
ମାଟି ମାଆ ହିତେ ଡରିଯିବୁ ନାହିଁ
ଦେବାକୁ ପରାଣ ଖସ।
ସାଜିବୁ ସୈନିକ ଶିକ୍ଷକ କୃଷକ
ବୈଜ୍ଞାନିକ ଡାକତର
ଯାହା ହୋଇଲେ ବି ଅଭିଳାଷ ଆମ
ଦେଶ ସେବା ନିରନ୍ତର।

– ନିରାକାର ଚଇନି
କଳିଗାଁ, ହାଟଡିହୀ, କେନ୍ଦୁଝର



### ବହି ମୋର ମିତ

ବହି ଅଟେ ମୋର ମିତ
ଭାରି ଭଲ ଲାଗେ ପଢ଼ଇ ଯେବେ ମୁଁ
ଭଳି ଭଳି ଗପ ଗୀତ।
କେତେ କେତେ ନୂଆ କଥା
ବହି ପଢ଼ି ଯେବେ ଜାଣିଯାଏ ମୁହିଁ
ଘୁରିଯାଏ ମୋର ମଥା।
ବହି ପାଖେ ଗଲେ ବସି
ସବୁ ଦୁଃଖ ମୋର ଭୁଲିଯାଏ ପରା
ହୋଇଯାଏ ମନ ଖୁସି।
ବିଜ୍ଞାନର ଗପ ପଢ଼ି
ମନ ମୋର ହୁଏ ମହାକାଶକୁ ମୁଁ
ଯାଆନ୍ତି କି ଉଡ଼ି ଉଡ଼ି।
ମହାପୁରୁଷଙ୍କ ବାଣୀ
କାମରେ ତାହାକୁ ଲଗାଇ ପାରିଲେ
ଦୁନିଆକୁ ଯିବା ଜିଣି।
ବହି ଅଟେ ମୋର ମିତ
ତା' ପରି ମିତଟେ ଜଗତରେ ନାହିଁ
କହୁଛି ଆଜି ମୁଁ ସତ।

– ଅନୁଲିପ୍ତା ମିଶ୍ର
ମହିଳୋ, ଜଗତ୍‌ସିଂହପୁର
ମୋ: ୯୯୩୮୪୦୦୨୦୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## କୁନି ଟ୍ରାଭେଲର୍ ପରିଜା



ପିଲାମାନେ ଏହି ସମୟରେ ଯେକୌଣସି ଟ୍ରିପ୍ ବା ପିକ୍‌ନିକ୍‌ରେ ଯିବାକୁ ଭାରି ମଜା ଲାଗେ। ତେବେ ତୁମେ ୨ବର୍ଷ ଭିତରେ କ'ଣ ୪୦ରୁ ଅଧିକ ଦେଶ ବୁଲି ପାରିବ! ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଗ୍ୱାଲିଅରର ୫ବର୍ଷର ଝିଅ ପରିଜା ଖାନ୍ ୨୧ମାସ ମଧ୍ୟରେ ୪୪ଟି ଦେଶ ଓ ୧୧୦ଟି ଆନ୍ତରାଷ୍ଟ୍ରୀୟ ସହର ପରିଦର୍ଶନ କରିସାରିଛନ୍ତି। କେବଳ ସେତିକି ନୁହେଁ ସେ ୭ଟି ସମୁଦ୍ର ଯାତ୍ରା ମଧ୍ୟ କରିଛନ୍ତି। ୨୧ମାସରେ ସେ ଆଟଲାଣ୍ଟିକ ମହାସାଗର, ପ୍ରଶାନ୍ତ ମହାସାଗର, ଭାରତ ମହାସାଗର, ଭୂମଧ୍ୟ ସାଗର, ତାଇୱାନ ସାଗର, ପାନାମା କେନାଲ ଇତ୍ୟାଦି ଯାତ୍ରା କରିସାରିଛନ୍ତି। ସେଥିପାଇଁ ସେ ସର୍ବକନିଷ୍ଠ ଟ୍ରାଭେଲର୍ ଭାବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ପରିଜାଙ୍କ ବାପା ରଜା ଖାନ୍ ନୌସେନାରେ କ୍ୟାପଟେନ୍ ଅଛନ୍ତି। ତେଣୁ ତାଙ୍କର ଯେଉଁ ଯାଗାରେ ଡ୍ୟୁଟି ପଡେ ସେ ଝିଅକୁ ତାଙ୍କ ସହ ନେଇଯାଇଥାନ୍ତି। ଯାହାଫଳରେ ପରିଜା ଏତେସବୁ ଦେଶ ବୁଲିବାର ସୁଯୋଗ ପାଇଛନ୍ତି। ପରିଜା କୁହନ୍ତି କି ସେ ଭବିଷ୍ୟତରେ ଆହୁରି ଅନେକ ଦେଶ ବୁଲିବେ। ନୂଆ ନୂଆ ଦେଶ ବୁଲି ସେ ବହୁତ କିଛି କଥା ଶିଖିବାକୁ ପାଉଛନ୍ତି।

## ଏଥରର

- ଆଳୁର ଜନ୍ମ ପ୍ରଥମେ କେଉଁ ଅଞ୍ଚଳରେ ହୋଇଥିଲା ?
- ଆଳୁରେ କେଉଁ ଖାଦ୍ୟସାର ପ୍ରଚୁର ପରିମାଣରେ ଅଛି ?
- ଆଳୁରେ କେତେ ଶତକଡା ଜଳ ଅଛି ?
- ଇଉରୋପର କେଉଁ ଦେଶ ପ୍ରଥମେ ଆଳୁ ବ୍ୟବହାର କରିଥିଲା ?
- ଗଛ ଲଗାଇବା ପାଇଁ ଆଳୁର ଚାରାକୁ ପ୍ରଥମକରି କେଉଁ ମହାକାଶ ଯାନରେ ନିଆଯାଇଥିଲା ?

ଉ ତ୍ତ ର

## ଗତଥରର

- ପିଙ୍ଗଳି ଭେଙ୍କୟା
- ଡ. ରାଜେନ୍ଦ୍ର ପ୍ରସାଦ
- ବିଜୟ ଚୌକ
- ରାଷ୍ଟ୍ରପତି ଭବନ
- ଜାନୁୟାରୀ ୨୬



## କହିଲ ଦେଖି



ମୋ ତିନି ଗୋଡ଼ରେ ଚାଲଇ ରାସ୍ତା
ନୁହେଁ ମୁଁ ବଜାରେ ଦରବ ଶସ୍ତା,
ମଣିଷ ବୋହିବା ଖାଲି ମୋ ଚିନ୍ତା
ଚାଳକ ଚାଳିଲେ ଚଳେ ମୁଁ ରାସ୍ତା,
ରିକ୍ସା ନୁହେଁ ମୁହିଁ ଇଞ୍ଜିନ ଯାନ
କହି ଦେ ମୋର ନାମ ସୁମନ ?

ଉତ୍ତର– ଅଟୋରିକ୍ସା



ତିନି ଚକିଆ ମୁଁ ଗଡ଼େ ସଡ଼କ
ମୁହିଁ ଚାଲେ ଯଦି ଚାଳେ ଚାଳକ
ବୋହି ନିଏ ମୁହିଁ ଦିଜଣ ଲୋକ
ସୁଖ ପାଏ ମୋଠୁ ଯାତିରି ସିନା
ଚାଳକ ଭାଇ
ପାଏ ନାହିଁ ସୁଖ ସେ କଷ୍ଟ ବିନା
ସାଇକେଲ ବଡ଼ଭାଇ ଏ ଅଟେ ସିନା
କହିଦିଅ ନାମ ଧଡ଼ିଆ ନନା।

ଉତ୍ତର– ରିକ୍ସା



ଧାତୁରେ ନୁହଁଇ ଗଢ଼ା ସେ ଗାଡ଼ି
ଖାଲ ଢିପ ଇଏ ଚାଲଇ ମାଡ଼ି ,
ଦୁଇ ଚକା ସହ ଲମ୍ବା ଶରୀର
ଚଷାପୁଅଟିର ଭାରି ଆଦର
ବଳଦ ଟାଣଇ,ଗତି ତା' ଧୀର
କହି ଦିଅ ତା'ର ନାମ ଏଥର ?

ଉତ୍ତର– ଶଗଡ଼

– ଦୀନବନ୍ଧୁ ପୋଇ
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ, ମୋ: ୯୯୩୮୦୨୪୧୨



# କୋଟିଲିଙ୍ଗେଶ୍ୱର ଧାମ

**କ**ର୍ଣ୍ଣାଟକର ବାଙ୍ଗାଲୋର ଠାରୁ ୧୦୦ କି.ମି. ଦୂର କୋଲାର ଜିଲାରେ ରହିଛି କାମାସାନ୍ଦ୍ରା ନାମକ ଏକ ଛୋଟ ଗାଁ। ଏଠାରେ ଦେଖିବାକୁ ମିଳେ ବିଶ୍ୱର ସର୍ବବୃହତ୍ ଶିବଲିଙ୍ଗ, ଯାହାର ନାମ କୋଟିଲିଙ୍ଗେଶ୍ୱର ଧାମ। ଏଠାରେ ଅବସ୍ଥିତ ଶିବଲିଙ୍ଗର ଉଚ୍ଚତା ପ୍ରାୟ ୧୦୮ଫୁଟ୍ । ଉକ୍ତ ମନ୍ଦିର ଚାରିପଟେ କୋଟିଏରୁ ଅଧିକ ଛୋଟବଡ ଶିବଲିଙ୍ଗ ସ୍ଥାପନା ହୋଇଛି। କୋଟିଲିଙ୍ଗେଶ୍ୱର ମୁଖ୍ୟ ମନ୍ଦିର ବ୍ୟତୀତ ଏଠାରେ ୧୧ଟି ଅନ୍ୟ ଦେବାଦେବୀଙ୍କ ମନ୍ଦିର ମଧ୍ୟ ରହିଛି। ଏହି ମନ୍ଦିର ପରିସରରେ ଦୁଇଟି ବୃକ୍ଷ ରହିଛି, ଯେଉଁଥିରେ ହଳଦିଆ ରଙ୍ଗର ସୂତା ବାନ୍ଧିଲେ ମନସ୍କାମନା ପୂର୍ଣ୍ଣହୁଏ ବୋଲି ବିଶ୍ୱାସ ରହିଛି।

# ଓଜନିଆ ପଗଡ଼ି

**ପ**ଞ୍ଜାବର ପଟିଆଲାରେ ରହୁଥିବା ଅବତାର ସିଂ ମୌନୀ, ବିଶ୍ୱର ସବୁଠୁ ଲମ୍ବା ଏବଂ ଓଜନିଆ ପଗଡ଼ି ଧାରଣ କରିଥାନ୍ତି। ଏହି ପଗଡ଼ି ପିନ୍ଧିବାକୁ ପ୍ରତିଦିନ ତାଙ୍କୁ ୬ଘଣ୍ଟା ସମୟ ଲାଗିଥାଏ। ପଗଡ଼ି ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ କରିଥିବା ଅବତାରଙ୍କ ଙ୍ପଗଡ଼ିର ଲମ୍ବ ପାଖାପାଖି ୨୧୧୫ ଫୁଟ୍ ଏବଂ ଓଜନ ପ୍ରାୟ ୪୫ କି.ଗ୍ରା. ହେବ। ୬୨ ବର୍ଷୀୟ ଅବତାର ୧୬ବର୍ଷ ହେବ ଏହି ପଗଡ଼ିକୁ ପରିଧାନ କରୁଛନ୍ତି। ସବୁଠୁ ମଜା କଥା ହେଲା, ତାଙ୍କୁ ଏ ପଗଡ଼ି ବୋଝ ଲାଗେନି ବରଂ ଏହି ପଗଡ଼ି ପାଇଁ ସେ ବହୁତ ଖୁସି। ତାଙ୍କର କେଉଁଠିକି ଯିବାର ଥିଲେ କାର୍‌ରେ ନ ଯାଇ ନିଜେ ବାଇକ୍ ଚଲାଇ ଯିବାକୁ ସେ ଅଧିକ ପସନ୍ଦ କରନ୍ତି ।





## ପଞ୍ଜାବ କେଶରୀ

# ଲାଲା ଲଜପତ୍ ରାୟ

**ଭା**ରତ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପୁରୋଧା ହେଉଛନ୍ତି ଲାଲା ଲଜପତ୍ ରାୟ। ସେ ୧୮୬୫ ମସିହା ଜାନୁୟାରୀ ୨୮ତାରିଖରେ ପଞ୍ଜାବର ମୋଗା ଜିଲାରେ ଜନ୍ମଗ୍ରହଣ କରିଥିଲେ। ଏକାଧାରରେ ସେ ଥିଲେ ସମ୍ପାଦକ, ଲେଖକ, ଶିକ୍ଷାବିତ୍, ରାଜନେତା, ଓକିଲ ଓ ସମାଜ ସଂସ୍କାରକ। ସେ ଲେଖିଥିବା ବହିଗୁଡ଼ିକ ହେଲା 'ଷ୍ଟୋରି ଅଫ୍ ମାଇଁ ଡିପୋର୍ଟେସନ୍', 'ଆର୍ଯ୍ୟସମାଜ', 'ଯୁକ୍ତରାଷ୍ଟ୍ର ଆମେରିକା', 'ଇଂଲଣ୍ଡ ଡେବ୍ଟ ଟୁ ଇଣ୍ଡିଆ' ଏବଂ 'ଅନ୍‌ହାପି ଇଣ୍ଡିଆ' ଇତ୍ୟାଦି। ତାଙ୍କ ପିତା ରାଧାକ୍ରିଷନ୍ ଉର୍ଦ୍ଦୁ ଏବଂ ପାର୍ସୀ ସରକାରୀ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ। ଲାଲାଜୀଙ୍କ ମାଆ ଗୁଲାବଦେବୀ ଜଣେ ଧାର୍ମିକ ମହିଳା ଥିଲେ। ସେ ଲାଲାଜୀଙ୍କୁ ପିଲାଦିନେ ରାମାୟଣ, ମହାଭାରତ ଆଦି ଗ୍ରନ୍ଥ ପଢ଼ି ଶୁଣାଉଥିଲେ। ମାଆଙ୍କଠାରୁ କାହାଣୀ

> ଆଜି ହେଉଛି ଲାଲା ଲଜପତ୍ ରାୟଙ୍କ ଜନ୍ମଦିନ। ଯିଏ କି ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶର ଇତିହାସରେ ଏବେ ବି ସେ ପଞ୍ଜାବ କେଶରୀ ଭାବେ ପରିଚିତ। ଏଥିସହ ସେ ଛାତ୍ର ଓ ଯୁବକ ସମାଜ ପାଇଁ ପ୍ରେରଣା ଦାୟୀ ହୋଇ ରହିଛନ୍ତି

ଶୁଣି ସେ ପ୍ରେରଣା ପାଉଥିଲେ। ପିଲାଦିନୁ ସେ ଦେଶ ଓ ଦେଶର ନାଗରିକମାନଙ୍କ ସେବା କରିବାକୁ ଇଚ୍ଛା ରଖିଥିଲେ ଏବଂ ସେହି ସମୟରୁ ହିଁ ବିଦେଶୀ ଶାସନରୁ ଦେଶକୁ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୧୮୮୦ମସିହାରେ ଲାଲାଜୀ ଲାହୋରର ସରକାରୀ କଲେଜରେ ଆଇନ ଶିକ୍ଷା କରୁଥିବାବେଳେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ହିନ୍ଦୁ ସଂସ୍କାରବାଦୀ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ପରେ ସେ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ଆର୍ଯ୍ୟ ଗେଜେଟ୍‌ର ସହପ୍ରତିଷ୍ଠାତା ହୋଇ ଏହାର ପ୍ରଚାର ପ୍ରସାର କରିଥିଲେ। ସେ ଜଣେ ବ୍ୟାଙ୍କର ମଧ୍ୟ ଥିଲେ। ଦେଶରେ ସେ ପ୍ରଥମ ସ୍ୱଦେଶୀ ବ୍ୟାଙ୍କ 'ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ' ପ୍ରତିଷ୍ଠା କରିଥିଲେ। ୧୯୧୪ ମସିହାରେ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିବା ପାଇଁ ଆଇନ ପାଠପଢ଼ା



ଛାଡ଼ିଥିଲେ। ୧୯୨୦ମସିହାରେ କଲିକତାରେ ଏକ ସ୍ୱତନ୍ତ୍ର ଅଧିବେଶନରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୨୧ମସିହାରେ ସେ ଲାହୋରରେ ସର୍ଭାଣ୍ଟ ଅଫ୍ ପିପୁଲ୍ସ ସୋସାଇଟି ନାମକ ଏକ ସଂସ୍ଥା ପ୍ରତିଷ୍ଠା କରିଥିଲେ। ଏହାଦ୍ୱାରା ଲାଲାଜୀ ଭାରତୀୟଙ୍କ ଭିତରେ ଜାତିଗତ ବିଭେଦ ଦୂର କରିବା ସହ ଅସ୍ପୃଶ୍ୟତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ବ୍ରିଟିଶ୍ ଶାସନ ବିରୋଧରେ ସାହସର ସହ ଲଢେଇ କରିଥିବାରୁ ତାଙ୍କୁ 'ପଞ୍ଜାବର କେଶରୀ' ଓ 'ପଞ୍ଜାବର ସିଂହ' ବୋଲି ଆଖ୍ୟା ଦିଆଯାଇଥିଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଲଜପତ୍ ରାୟ କଂଗ୍ରେସର ପ୍ରତିନିଧି ଭାବେ ଇଂଲଣ୍ଡ ଯାତ୍ରା କରିଥିଲେ। ପରେ ଆମେରିକାରେ ୫ବର୍ଷ ରହିଥିଲେ। ସେଠାରେ ସେ ନ୍ୟୁ ୟର୍କ ସହରରେ ଇଣ୍ଡିଆନ୍ ହୋମ୍ ରୁଲ୍ ଲିଗ୍, ୟଙ୍ଗ୍ ଇଣ୍ଡିଆ ନାମକ ମାସିକିଆ ପତ୍ରିକା ଏବଂ ହିନ୍ଦୁସ୍ଥାନ ସୂଚନା ସେବା ସଂଘ ପ୍ରତିଷ୍ଠା କରିଥିଲେ। ସେତେବେଳେର ଚରମପନ୍ଥୀ ଦଳର ପ୍ରମୁଖ ନେତା ଭାବେ ଲାଲା ଲଜପତ୍ ରାୟ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ ଏବଂ ବିପିନ୍ ଚନ୍ଦ୍ର ପାଲ୍ ଲାଲ୍-ବାଲ୍-ପାଲ୍ ଭାବେ ପରିଚିତ ହୋଇଥିଲେ। ୧୯୨୮ରେ ଭାରତରେ ସରକାରଙ୍କ କାର୍ଯ୍ୟକଳାପ ଓ ଆଇନ୍ ବ୍ୟବସ୍ଥା ପରଖିବା ପାଇଁ ସାଇମନ କମିଶନ ଭାରତକୁ ଆସିଥିଲେ। ହେଲେ ସାଇମନ କମିଶନରେ କୌଣସି ଭାରତୀୟ ସଦସ୍ୟଙ୍କୁ ସାମିଲ୍ କରାଯାଇ ନଥିବାରୁ ଏହାକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା। ସାଇମନ କମିଶନ ଲାହୋରରେ ପହଞ୍ଚିବା ପରେ ନେହେରୁ, ଗାନ୍ଧୀଜୀ, ମହମ୍ମଦ ଅଲ୍ଲୀ ଜିନା ଓ ଲାଲାଜୀ ଏହାକୁ ଖୁବ୍ ବିରୋଧ କରି କରିଥିଲେ। ସେମାନେ ସାଇମନ୍ ଗୋ ବ୍ୟାକ୍ ନାରା ଦେବା ସହ କଳାପତାକା ପ୍ରଦର୍ଶନ କରିଥିଲେ। ଲାହୋର ପୋଲିସ ଅଧୀକ୍ଷକ ଜେମ୍ସ ଏ ସ୍କଟ୍ ବିକ୍ଷୋଭକାରୀଙ୍କୁ ଲାଠିଚାର୍ଜ କରିବାକୁ ନିର୍ଦ୍ଦେଶ ଦେବା ସହ ନିଜେ ଲଜପତ୍ ରାୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଲାଲାଜୀଙ୍କର ଛାତିରେ ଗୁରୁତର ଭାବେ ଆଘାତ ଲାଗି ତାଙ୍କର ମୃତ୍ୟୁ ଘଟିଥିଲା।

# ଆ ଇ ନା



ରେୟାଂଶ ଖଣ୍ଡୁଆଳ
୩ ବର୍ଷ, ଜଟଣୀ, ଖୋର୍ଦ୍ଧା



ଶଶାଙ୍କ ଶେଖର ସାହୁ
୯ ବର୍ଷ, ଭୁବନେଶ୍ୱର